## ସଂକ୍ଷେପରେ

### ଷ୍ଟେଶନରୁ ନାବାଳକ ଉଦ୍ଧାର

ଅନୁଗୋଳ ଅଫିସ, ୨୩।୮ - ଅନୁଗୋଳ ରେଳ ଷ୍ଟେଶନରୁ ଶୁକ୍ରବାର ଜଣେ ୧୨ ବର୍ଷର ନାବାଳକଙ୍କୁ ଆର୍‌ପିଏଫ୍ ଉଦ୍ଧାର କରିଛି। ଶିଶୁ ମଙ୍ଗଳ ସମିତିକୁ ପୋଲିସ ନାବାଳକଙ୍କୁ ହସ୍ତାନ୍ତର କରିବା ପରେ ବଳରାମପ୍ରସାଦର ନବଜୀବନ କମ୍ୟୁନିଟି ସେଣ୍ଟରେ ତାଙ୍କୁ ଥଇଥାନ କରାଯାଇଥିବା ସୂଚନା ମିଳିଛି। ତାଳଚେର ରୋଡ଼ ପାଖରେ ଗୁଣ୍ଡୁପୁରରୁ ରାଉରକେଲା ଯାଉଥିବା ରାଜ୍ୟରାଣୀ ଏକ୍ସପ୍ରେସରେ ନାବାଳକ ଜଣକ ଏକୁଟିଆ ଯାଉଥିବାର ରେଳ ପୋଲିସ ଦେଖିବାକୁ ପାଇଥିଲା। ଏନେଇ ଅନୁଗୋଳ ଆର୍‌ପିଏଫ୍ ଥାନା ଅଧିକାରୀ ମୁନୁ କୁମାର ଶର୍ମାଙ୍କୁ ଏଏସ୍‌ଆଇ ସି.ପି. ବାଗ୍ ଅବଗତ କରାଇଥିଲେ। ଅନୁଗୋଳ ରେଳ ଷ୍ଟେଶନରେ ଗାଡ଼ି ରହିବା ପରେ ଆର୍‌ପିଏଫ୍ ଏଏସଆଇ ପ୍ରବୀର କୁମାର ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ପିଲାଟିର ସମ୍ପର୍କୀୟଙ୍କୁ ଟ୍ରେନରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ତାଙ୍କ ଘର ହାଇଦ୍ରାବାଦର ଜାମା ମସ୍‌ଜିଦ ନିକଟରେ ଥିବା ହ୍ୟୁମାୟୁ ନଗର ବୋଲି ଜଣାପଡ଼ିଛି। ତେବେ ନିଜ ସମ୍ପର୍କରେ ନାବାଳକ ଜଣକ ଅନ୍ୟ କୌଣସି ସୂଚନା ଦେଇପାରୁ ନ ଥିବା ଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି।

### ଘରକୁ ଫେରିଲେ ବାଟବଣା ବୃଦ୍ଧା

ଅନୁଗୋଳ ଅଫିସ, ୨୩।୮ - ଅନୁଗୋଳ ସହରରେ ବାଟବଣା ହୋଇଯାଇଥିବା ଜଣେ ୯୦ ବର୍ଷୀୟ ବୃଦ୍ଧାଙ୍କୁ ସାମାଜିକ କର୍ମୀ ରୂପେଶ ରୋଶନ ଶୁକ୍ରବାର ତାଙ୍କ ଘରେ ପହଞ୍ଚାଇଛନ୍ତି। ବୃଦ୍ଧା ଜଣଙ୍କ ନାମ ରାମ ଇକୱାଲ ତିୱାରୀ, ଘର ବିହାର ରାଜ୍ୟରେ ହୋଇଥିବାବେଳେ ତାଙ୍କ ପୁଅ ସନ୍ତୋଷ ତିୱାରୀ ଅନୁଗୋଳରେ ରହି ଶ୍ରମିକ ଭାବେ କାମ କରନ୍ତି। ଶୁକ୍ରବାର ସକାଳେ ଚଲାବୁଲା କରିବାକୁ ବାହାରକୁ ଯାଇଥିବାବେଳେ ରାମ ଇକୱାଲ ବାଟବଣା ହୋଇ ଶୈଳଶ୍ରୀକ୍ଷେତ୍ରରେ ଥିବା ଜଗନ୍ନାଥ ମନ୍ଦିର ନିକଟକୁ ଚାଲି ଆସିଥିଲେ। ସାମାଜିକ କର୍ମୀ ରୂପେଶ ତାଙ୍କଠାରୁ ଠିକଣା ଓ ପରିଚୟ ନେଇ ତାଙ୍କ ପୁଅଙ୍କ ନିକଟରେ ଛାଡ଼ିଥିଲେ।

### ବାଇକ ପୋଡ଼ି ଅଭିଯୋଗ

ବଇଣ୍ଡା,୨୩।୮(ଡି.ଏନ.ଏ.)- କିଶୋରନଗର ଥାନା ନିକଟସ୍ଥ ବ୍ରାହ୍ମଣୀପାଲି ଗ୍ରାମର ସତ୍ୟନାରାୟଣ ସାହୁଙ୍କ ହୋଟେଲ ସମ୍ମୁଖରେ ତାଙ୍କ ବାଇକ(ନଂ.ଓଡି୧୯ପି୭୨୭୮)କୁ କିଶୋରନଗର ଥାନା ଡିମିରିମୁଣ୍ଡା ଗ୍ରାମର ପ୍ରିୟବ୍ରତ ପ୍ରଧାନ ପୋଡ଼ି ଦେଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସତ୍ୟନାରାୟଣ ତାଙ୍କ ହୋଟେଲ ସମ୍ମୁଖରେ ବାଇକଟିକୁ ରଖିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରିୟବ୍ରତ ସକାଳେ ହୋଟେଲରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ପରେ ଉକ୍ତ ବାଇକଟିକୁ ପେଟ୍ରୋଲ ପକାଇ ପୋଡ଼ି ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ବଇଣ୍ଡା,୨୩।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ବାମୁରଠାରେ ଅନୁଷ୍ଠିତ ହେବାକୁ ଥିବା ଦୁର୍ଗାପୂଜା ପାଇଁ ଶୁକ୍ରବାର ମାଟି ଅନୁକୂଳ କରାଯାଇଛି। ଏହି ଅବସରରେ ବାମୁର ସୁରେଶ୍ୱରୀ ନିକଟସ୍ଥ ଥିବା ପିଢ ପରିସରରୁ ମାଟି ଉଠା ଯାଇଥିଲା। ଯଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବ ପରେ ମା'ଙ୍କ ମୂର୍ତ୍ତି ପାଇଁ ମାଟି ସଂଗ୍ରହ କରାଯାଇଥିଲା। ଦୟାନନ୍ଦ ଦାସ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟି ସଭାପତି ବଳରାମ ପ୍ରଧାନ, ସମ୍ପାଦକ ସଞ୍ଜୀବ ପ୍ରଧାନ, କୋଷାଧ୍ୟକ୍ଷ ସତ୍ୟାନନ୍ଦ ସାହୁ, ସଚ୍ଚିଦାନନ୍ଦ ପ୍ରଧାନ, ବିଶ୍ୱଜିତ୍ ନନ୍ଦ, ବଳରାମ ସାହୁ, ଚିନ୍ମୟ ପ୍ରଧାନ, ସତ୍ୟାନନ୍ଦ ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ପରମେଶ୍ୱର ପ୍ରଧାନ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ପାଣିରେ ବୁଡ଼ି ଜଣେ ମୃତ

ଅନୁଗୋଳ ଅଫିସ, ୨୩।୮ - ଅନୁଗୋଳ ପୁରୁଣାଗଡ଼ ଅଞ୍ଚଳ ଦଳବେହେରା ସାହିର ପ୍ରତାପ ବେହେରା(୪୦)ଙ୍କ ଶୁକ୍ରବାର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ପ୍ରତାପ ଶୁକ୍ରବାର ମଧ୍ୟାହ୍ନରେ ଗାଧୋଇବା ପାଇଁ ନିକଟରେ ଥିବା ବନ୍ଧକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ବନ୍ଧରୁ ତାଙ୍କୁ ଉଦ୍ଧାର କରି ପରିବାର ଲୋକ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଲୋକଙ୍କ ପାଇଁ ମୋ ଦୁଆର ସର୍ବଦା ଖୋଲା ରହିବ



୨୦୧୩ ବ୍ୟାଚ ଆଇପିଏସ୍ ଅଫିସର ଜଗମୋହନ ମୀନା ଶୁକ୍ରବାର ଅନୁଗୋଳ ଜିଲାର ୧୪ତମ ଏସ୍‌ପି ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି। ରାଜସ୍ଥାନର ଆଲୱାରଠାରେ ୧୯୮୯ରେ ଜନ୍ମଗ୍ରହଣ କରିଥିବା ମୀନା ଆଇଆଇଟି କାନପୁରରେ ବି.ଟେକ୍ ଓ ଏମ୍. ଟେକ୍ କରିବା ପରେ ୨୦୧୩ରେ ୟୁପିଏସ୍‌ସିରେ ସଫଳତା ପାଇଥିଲେ। କଳାହାଣ୍ଡି ଜିଲା କେସିଙ୍ଗାର ଏସ୍‌ଡିପିଓ ଭାବେ ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା। ଏକବର୍ଷ ଦୁଇମାସର କାମ ପରେ ରାଜ୍ୟ ସରକାର ତାଙ୍କୁ ୨୦୧୭ରେ ମାଲକାନଗିରି ଏସ୍‌ପି ଭାବେ ବଦଳି କରିଥିଲେ। ଏବେ ତାଙ୍କୁ ଅନୁଗୋଳ ଦାୟିତ୍ୱ ଦିଆଯାଇଛି। ଶିଳ୍ପ, ପ୍ରାକୃତିକ ସମ୍ପଦରେ ଭରପୂର ଏହି ଜିଲାରେ ଆଇନଶୃଙ୍ଖଳା ଓ ଖଣି ଖାଦାନ ସମସ୍ୟାକୁ ନେଇ ଥିବା ଅସନ୍ତୋଷ ତାଙ୍କ ପାଇଁ ନିଶ୍ଚିତ ଚ୍ୟାଲେଞ୍ଜ ହେବ। ତଥାପି ମାଲକାନଗିରି ପରି ଅନୁଗୋଳ ଲୋକଙ୍କ ନିକଟତର ହେବା ତାଙ୍କ ଲକ୍ଷ୍ୟ ବୋଲି ମୀନା ପ୍ରକାଶ କରିଛନ୍ତି। ବିଶେଷକରି ଅସୁବିଧାରେ ପଡ଼ିଥିବା ଲୋକଙ୍କ ପାଇଁ ତାଙ୍କ ଦ୍ୱାର ସର୍ବଦା ଖୋଲା ରହିବ ବୋଲି ନୂଆ ଏସ୍‌ପି କହିଛନ୍ତି।

**ଅନୁଗୋଳର ଭୌଗୋଳିକ ଅବସ୍ଥିତି ସହ ଆଇନଶୃଙ୍ଖଳା ମାଲକାନଗିରିଠାରୁ ଭିନ୍ନ। ସେଠିକାର ଅଭିଜ୍ଞତା ଏଠି କେତେ କାମରେ ଆସିବ?**

▶ଜିଲାରେ ଅପରାଧ ନିୟନ୍ତ୍ରଣ ମୁଖ୍ୟ ଚ୍ୟାଲେଞ୍ଜ। ତେବେ ଏଥିରେ ଟେକ୍ନୋଲୋଜିର ବ୍ୟବହାର ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଆବଶ୍ୟକ ପଡ଼ିଲେ ଜିଲାର ବଛା ବଛା ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଢ଼ାଯିବ। ଅଭିଜ୍ଞତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମାଲକାନଗିରି ପରି ଅନୁଗୋଳରେ ମାଓବାଦୀ ସକ୍ରିୟ ନ ଥିଲେ ବି ଗୋଇନ୍ଦା ବିଭାଗକୁ ଅଧିକ ସକ୍ରିୟ କରାଯିବ।

**ତଦନ୍ତ ଠାରୁ କନଭିକ୍‌ଶନ୍ ପର୍ଯ୍ୟନ୍ତ ପୋଲିସ କେମିତି କୌଶଳ ଆପଣାଇବ?**

▶ଅପରାଧ ଘଟିଥିବା ସ୍ଥାନରେ ଠିକ୍ ଭାବେ ତଦନ୍ତ କରିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ମେସେଜ ରହିବ। ତଦନ୍ତରୁ ଟ୍ରାଏଲ ଏପରି କି ଦଣ୍ଡବିଧାନ ପର୍ଯ୍ୟନ୍ତ ପୋଲିସର ସମସ୍ତ କାର୍ଯ୍ୟ ଯେପରି ସ୍ୱଚ୍ଛ ରହିବ ତାହା ଉପରେ ଦୃଷ୍ଟି ଦିଆଯିବ। କନଭିକଶନ୍ ରେଟ ବୃଦ୍ଧି ନିଶ୍ଚିତ ଲକ୍ଷ୍ୟ ରହିବ।

**ସାଧାରଣ ଲୋକଙ୍କ ପ୍ରତି ପୋଲିସର ବ୍ୟବହାର ସମସ୍ତେ ଜାଣନ୍ତି। ଏହା ଉପରେ କେତେ ଧ୍ୟାନ ଦେବେ?**

▶ପୋଲିସର ବ୍ୟବହାରରେ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯିବ। ଲୋକଙ୍କ ସହ ପୋଲିସର ଦୂରତ୍ୱ କିପରି ହ୍ରାସ ହେବ ସେ ନେଇ ଉଦ୍ୟମ ହେବ। ସାଧାରଣ ଲୋକଟିଏ ଯେପରି ପୋଲିସ ଆକ୍ରୋଶର ଶିକାର ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ।

**ଅନେକ ସମୟରେ ଥାନାରୁ ଅଭିଯୋଗକାରୀଙ୍କୁ ନ୍ୟାୟ ମିଳୁନି। ସେଥିପାଇଁ କିପରି ବ୍ୟବସ୍ଥା କରାଯିବ?**

▶ଜିଲାର ପ୍ରତ୍ୟେକ ଲୋକଙ୍କୁ ନ୍ୟାୟ ମିଳିବ। ଯେଉଁମାନେ ଅନ୍ୟାୟ ହୋଇଛି ବୋଲି ଅନୁଭବ କରିବେ, ସେମାନେ ମୋ ନିକଟକୁ ଅଭିଯୋଗ ନେଇ ଆସିଲେ ନିଶ୍ଚିତ ଆଇନ ଅନୁଯାୟୀ ସାହାଯ୍ୟ କରାଯିବ। ଲୋକଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା ରହିବ।

**ବଦଳିବ କି ଏସ୍‌ପିଙ୍କ ଟିମ୍?**

▶ବର୍ତ୍ତମାନ ସେପରି କିଛି ଅଦଳବଦଳ ହେବାର ନାହିଁ। ଥାନା ଅଧିକାରୀମାନଙ୍କ ଠାରୁ ଆରମ୍ଭ କରି ଜିଲାର ବରିଷ୍ଠ ଅଧିକାରୀଙ୍କ ଯାଏ, କାର୍ଯ୍ୟଦକ୍ଷତା ଅନୁଧ୍ୟାନ କରାଯିବ। ଭଲ କାମ କଲେ ପୁରସ୍କାର ନ ହେଲେ ପରବର୍ତ୍ତୀ ପନ୍ଥା ଆପଣାଯିବ।

ସାକ୍ଷାତ: ଅମିତ କୁମାର ସାମଲ

■ମହିଳା ସଂଘର ଷଷ୍ଠ ବାର୍ଷିକ ଉତ୍ସବ

# ସ୍ଥାନୀୟ ସମସ୍ୟା ନେଇ ଏମ୍‌ପିଙ୍କୁ ଅଭିଯୋଗ



ଏମ୍‌ପି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଛନ୍ତି।

ଅନୁଗୋଳ ଅଫିସ, ୨୩।୮

ଅନୁଗୋଳ ସାଇଶ୍ରଦ୍ଧା ମହିଳା ସଂଘର ଷଷ୍ଠ ବାର୍ଷିକ ଉତ୍ସବ ଶିକ୍ଷକପଡ଼ା ସ୍ଥିତ ଶିବ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ତାମଡ଼ା ପୂର୍ବତନ ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟଅତିଥିଙ୍କୁ ସଂଘ ପକ୍ଷରୁ ସଭାନେତ୍ରୀ ସସ୍ମିତା ମହାନ୍ତି, ସମ୍ପାଦିକା ରଶ୍ମିତା ପ୍ରଧାନ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ କରିଥିଲେ। ଏହି ଅଞ୍ଚଳର ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟା ସମାଧାନ କରିବା ପାଇଁ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସୀମା ବିବାଦ କାରଣରୁ ପଞ୍ଚାୟତ ଓ ପୌରପାଳିକା ନିର୍ବାଚନରେ ମତଦାନରୁ ଲୋକେ ବଞ୍ଚିତ ହେଉଥିବା ନେଇ ଏମ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ସେ ପ୍ରୟାସ କରିବେ ବୋଲି ଏମ୍‌ପି କହିଥିଲେ। ଉକ୍ତ ସଭାରେ ସଂଘର ଉପଦେଷ୍ଟା ସାଧୁଚରଣ ବେହେରା, ନରୋତ୍ତମ ପ୍ରଧାନ, ପଞ୍ଚାନନ ମିଶ୍ର, ଯୁଧିଷ୍ଠିର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ।

## ଫଟୋରେ ଖବର



ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ଅବସରରେ ଶୁକ୍ରବାର ଲହୁଣୀ ହାଣ୍ଡି ଭଙ୍ଗାଯାଉଛି। (ଫଟୋ – ବୁବୁ)

### ଜନ୍ମାଷ୍ଟମୀରେ ପୁରାଣପାଠ କାର୍ଯ୍ୟକ୍ରମ

ଛେଣ୍ଡିପଦା/ କଣିହାଁ,୨୩।୮ (ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଶୁକ୍ରବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଛେଣ୍ଡିପଦା ଜଗନ୍ନାଥ ମନ୍ଦିର, କୋଶଳା, ବାଗେଡିଆ, ବସନ୍ତପୁର, ପାତ୍ରପଡା, ବାଲିପଟା, କୋରଡା, ଜରପଡା, ଡୁକୁଡା, ସଦାନନ୍ଦପୁର, ବ୍ରାହ୍ମଣବିଲ, କମ୍ପସଲା ଆଦି ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଯଥାବିଧି ପୂଜାର୍ଚ୍ଚନା ହୋଇଥିଲା। ସେହିପରି ଦୁର୍ଗାପୁର ରାଧାକୃଷ୍ଣ ମନ୍ଦିର, ଜେରେଙ୍ଗ ଦେହୁରୀ ସାହି, କତଡା, ଓଗୀ ପରା ଆଦି ସ୍ଥାନରେ ଏହି ଉତ୍ସବ ପାଳନ ସହ ହୋମଯଜ୍ଞ, ଅହୋରାତ୍ର ନାମ ସଂକୀର୍ତ୍ତନ, ପୁରାଣ ପାଠ ଆଦି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛେଣ୍ଡିପଦା, ବାଗେଡିଆ, କୋଶଳା, ଜରପଡା, ସନ୍ତରାବନ୍ଧ, ବରପଦା, ଗଡମଣ୍ଡଳ, ବାଲିପଟା ଆଦି ସ୍ଥାନରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ଏହି ଉତ୍ସବ ପାଳନ କରାଯାଇଥିଲା। ସେହିପରି କଣିହାଁ ବ୍ଲକର ବିଭିନ୍ନ ମନ୍ଦିର, ଶିଶୁମନ୍ଦିର ସହ ଅନେକ ସ୍ଥାନରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

### ଶିକ୍ଷାର ବ୍ୟବସାୟୀକରଣ ବନ୍ଦ ଦାବି

ଅନୁଗୋଳ ଅଫିସ, ୨୩।୮

ପ୍ରଥମ ଶ୍ରେଣୀରୁ ପାସ୍-ଫେଲ୍ ବ୍ୟବସ୍ଥା ଲାଗୁ, ସମସ୍ତ ସ୍ତରରେ ଫି ବୃଦ୍ଧି ଓ ଶିକ୍ଷାର ବ୍ୟବସାୟୀକରଣ ବନ୍ଦ, ସ୍ଥାୟୀ ଭିତ୍ତିରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି, ପ୍ରସ୍ତାବିତ ଜାତୀୟ ଶିକ୍ଷାନୀତି-୨୦୧୯ ଖସଡା ଆଦି ଦାବିରେ ଅଲ୍ ଇଣ୍ଡିଆ ଡିଏସ୍‌ଓ ଅନୁଗୋଳ ଜିଲା କମିଟି ଉଦ୍ୟୋଗରେ ଇଭନିଙ୍ଗ୍ କଲେଜ ପରିସରରେ ଶୁକ୍ରବାର ଏକ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। ଡିଏସ୍‌ଓ ଜିଲା ସଭାପତି ପରମାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ନାରାୟଣ ନାୟକ କନ୍‌ଭେନ୍‌ସନ୍‌ର ମୁଖ୍ୟ ଚିଠା ପ୍ରସ୍ତାବ ଆବଗତ କରିଥିଲେ। ମୁଖ୍ୟବକ୍ତା ଭାବରେ ଡିଏସ୍‌ଓ ଓଡିଶା ରାଜ୍ୟ ପରିଷଦର ଉପସଭାପତି ସିଦ୍ଧାର୍ଥ ରଥ ଜାତୀୟ ଶିକ୍ଷାନୀତି-୨୦୧୯ର ବିରୋଧ କରିଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ପ୍ରଦୀପ କୁମାର କର, ଡିଟିଓର ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେଣ୍ଡୁଲି ପ୍ରମୁଖ ଏହି ନୀତି ବିରୋଧରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଇଭ୍‌ନିଙ୍ଗ୍ କଲେଜର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ବିଜୟ କୁମାର ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

# ବଚପନ ପ୍ଲେ ସ୍କୁଲରେ ଜନ୍ମାଷ୍ଟମୀ




ବଚପନ ପ୍ଲେ ସ୍କୁଲରେ ପିଲାମାନେ ରାଧାକୃଷ୍ଣ ବେଶ ହୋଇଛନ୍ତି।

ଅନୁଗୋଳ ଅଫିସ, ୨୩।୮

ଅନୁଗୋଳ ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲ ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଓ ହଳଦିଆ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍କୁଲର ସମସ୍ତ କୁନି କୁନି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ହଳଦିଆ ପୋଷାକ ସହିତ ସେହି ରଙ୍ଗର ସ୍କୁଲ ବ୍ୟାଗ, ଜୋତା, ମୋଜା, ରିବନ, ଟିଫିନ ବକ୍ସ, ପାଣି ବୋତଲ ଆଦି ଆଣିଥିଲେ। ଏଥିସହ ପିଲାମାନେ ହଳଦିଆ ରଙ୍ଗର ବିଭିନ୍ନ ପ୍ରକାରର ଚିତ୍ର ତିଆରି କରିଆଣିଥିଲେ। ଶିକ୍ଷୟିତ୍ରୀ ଶେଖ୍ ଆଫରିନ ହଳଦିଆ ରଙ୍ଗର ମହତ୍ତ୍ୱ ଓ ଏହାର ପ୍ରୟୋଗ ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ। ସେହିପରି ଶିକ୍ଷୟିତ୍ରୀ ପ୍ରତିମା ପଟ୍ଟନାୟକ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ସମ୍ପର୍କରେ କୁନି କୁନି ପିଲାମାନଙ୍କୁ ଅବଗତ କରାଇଥିଲେ। ଅରିହନ୍ତ, ମୟୂରେଶ, ଅର୍ପିତ, ମାହିତ, ଦେବଜିତ ଓ ଅନିଶା କୃଷ୍ଣ ବେଶରେ ସୁସଜ୍ଜିତ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍କୁଲର ନୃତ୍ୟ ଶିକ୍ଷକ ମାନସ ନାଏକଙ୍କ ତତ୍ତ୍ୱାବଧାନରେ ସୁସଜ୍ଜିତ ହୋଇଆସିଥିବା କୃଷ୍ଣ ବେଶରେ କୁନି କୁନି ପିଲାମାନେ ମିଶି ସଜା ହୋଇଥିବା ମାଟି ମାଠିଆକୁ ଭାଙ୍ଗିଥିଲେ। ସ୍କୁଲ ଅଧ୍ୟକ୍ଷା ଯଶ୍‌ପାଲ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ନାଲ୍‌କୋ ବରିଷ୍ଠ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବଅଁରପାଳ, ୨୩।୮(ଡି.ଏନ.ଏ.)

ଚଳିତ ମାସରେ ଅବସର ନେବାକୁ ଥିବା ନାଲ୍‌କୋ ସିପିପି ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟରିଂ ବିଭାଗର ବରିଷ୍ଠ ପ୍ରବନ୍ଧକ ମନୋଜ କୁମାର ସ୍ୱାଇଁଙ୍କୁ ନାଲ୍‌କୋ ସିପିପି ଆଡମିନଷ୍ଟ୍ରେଟିଭି ବିଲଡିଂ କର୍ମଚାରୀମାନଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସିପିପି ଆନନ୍ଦ ମଠଠାରେ ଏ ନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରମିକ ନେତା ବିଭବ ଜେନା, ସହାୟକ ମହାପ୍ରବନ୍ଧକ ସରୋଜ କୁମାର ନାଥ, ସୁନୀଲ ମହାପାତ୍ର, ଶୁଭ୍ରାଂଶୁ ବେହେରା, ଶରତ ସେଠୀ, ସୁଧାକର ଧୀର, ଟି. ଏନ୍. ବେହେରା, ସରସ୍ୱତୀ ଦେଇ, ସୁନନ୍ଦା ମହାନ୍ତି, ପୁଷ୍ପଲତା ପ୍ରଧାନ, ପ୍ରଦୀପ ମିଶ୍ର, ଆର କେ ସିଂ, ବସନ୍ତ ଦଳବେହେରା, ବିଷ୍ଣୁ ପାଣିଗ୍ରାହୀ, ଆଶିଷ ସାହୁ, ନୀଳ ଲୋହିତ ରଥ ଓ ଶାଶ୍ୱତ ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱାଇଁଙ୍କ କର୍ମମୟ ଜୀବନୀ ଉପରେ ଆଲୋଚନା କରିଥିଲେ।

# ଅନୁଗୋଳ ଇସ୍କନରେ ଜନ୍ମାଷ୍ଟମୀ ପାଳିତ

ଅନୁଗୋଳ ଅଫିସ, ୨୩।୮

ଅନୁଗୋଳର ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ (ଇସ୍କନ) ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିବେଶ ତଥା ବିଗ୍ରହମାନଙ୍କର ସୁନ୍ଦର ସାଜସଜ୍ଜା କରାଯାଇଥିଲା। ପ୍ରାତଃରୁ ମନ୍ଦିରରେ ବେଶ ଭିଡ଼ ହୋଇଥିଲା। ଏହି ଉପଲକ୍ଷେ ସ୍କୁଲ ପିଲାମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, ଶ୍ଳୋକପାଠ ଓ ଫ୍ୟାନ୍ସି ଡ୍ରେସ୍ ଆଦି ହୋଇଥିଲା। ସନ୍ଧ୍ୟାରେ ବରିଷ୍ଠ ସନ୍ୟାସୀ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ବିଷୟରେ କହିଥିଲେ। ପରେ ଶ୍ରୀକୃଷ୍ଣଙ୍କ ମହାଅଭିଷେକ, ମହାଆରତୀ ଓ ମହାପ୍ରସାଦ ଅର୍ପଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଇସ୍କନ ଶାଖା ପରିଚାଳକ ଜୟଗୋପାଳ ଦାସ ପରିଚାଳନା କରିଥିଲେ।

# ରୟାଲ ଟାଇମ୍ସ ଟାଇଟାନ ମଡେଲ ଷ୍ଟୋର ଉଦ୍‌ଘାଟିତ

ଢେଙ୍କାନାଳ ଅଫିସ,୨୩।୮



ରୟାଲ ଟାଇମ୍ସ ଟାଇଟାନ୍ ମଡେଲ ଷ୍ଟୋରକୁ ଉଦ୍‌ଘାଟନ କରାଯାଉଛି।

ଢେଙ୍କାନାଳ ଗଣେଶ ବଜାରରେ ରୟାଲ ଟାଇମ୍ସ ଟାଇଟାନ ମଡେଲ ଷ୍ଟୋର ଶୁକ୍ରାବର ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ଏରିଆ ବିଜ୍‌ନେସ୍ ମ୍ୟାନେଜର ଚିତ୍ତରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ହେଉଛି ଓଡ଼ିଶାର ୭ମ ଟାଇଟାନ ମଡେଲ ଷ୍ଟୋର। ଶୋ'ରୁମ୍‌ରେ ଟାଇଟାନ, ସୋନାଟା, ଫାଷ୍ଟଟ୍ରାକ୍, ପୋଲିସ୍, ଟମି ହିଲଫିଜର, ଜୁପ୍ , ଫାଷ୍ଟଟ୍ରାକ୍ ସନ୍ ଗ୍ଲାସେସ୍ ଉପଲବ୍ଧ ରହିଛି। ଏଥିସହ ସର୍ଭିସ ମଧ ଦିଆଯାଉଛି ବୋଲି ପ୍ରତାପ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଶିଳ୍ପ ସଚେତନତା କର୍ମଶାଳା

ବଇଣ୍ଡା,୨୩।୮(ଡି.ଏନ.ଏ.)




କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜ ପରିସରରେ ବୁଧବାର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପକ୍ଷରୁ ବୁଧବାର ଏକ ଦିନିକିଆ ଶିଳ୍ପ ସଚେତନତା କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ବିପିନ ବିହାରୀ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ଆଠମଲ୍ଲିକ ମଳୟ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅନୁଗୋଳ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଗଗନ ବିହାରୀ ନାୟକ ଯୋଗଦେଇ କିଭଳି ଛାତ୍ରୀଛାତ୍ରମାନେ ପାଠପଢିବା ପରେ ଆତ୍ମ ନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମୀଣ ଆତ୍ମନିର୍ଭରଶୀଳ ପ୍ରଶିକ୍ଷକ କେନ୍ଦ୍ରର ନିର୍ଦ୍ଦେଶକ ନିହାରରଞ୍ଜନ ସାହୁ, ପ୍ରାଧ୍ୟାପକ ସିଦ୍ଧାର୍ଥ ପଣ୍ଡା, ଅଧ୍ୟାପକ ନିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବଇଣ୍ଡାଠାରେ ଥିବା ନାଇସ ଇନ୍‌ଷ୍ଟିଚ୍ୟୁଟ ପରିସରରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପକ୍ଷରୁ ଏକ ୧୨ ଦିନିକିଆ ସଚେତନତା ଓ ଉଦ୍ୟୋଗୀ ଚିହ୍ନଟ ପ୍ରକ୍ରିୟା ଶିବିର ଉଦ୍‌ଘାଟିତ ହୋଇଛି। ଅନୁଗୋଳ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଗଗନ ବିହାରୀ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ।

